# External Affairs Minister's meeting with State Councilor and Foreign Minister of China, H.E. Mr. Wang Yi on the sidelines of SCO Foreign Ministers' Meeting

July 14, 2021

---

## ସାଂଘାଇ ସହଯୋଗ ସଂଗଠନର ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଚୀନର ରାଷ୍ଟ୍ର ପରାମର୍ଶଦାତା ତଥା ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ୱାଙ୍ଗ ୟିଙ୍କ ସହ ବୈଠକ

ଜୁଲାଇ 14, 2021

ଏସସିଓ ବା ସାଂଘାଇ ସହଯୋଗ ସଂଗଠନର ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ଅବସରରେ ତାଜିକିସ୍ତାନର ଦୁଶାନବେଠାରେ 14 ଜୁଲାଇ 2021 ରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଚୀନର ରାଷ୍ଟ୍ର ପରାମର୍ଶଦାତା ତଥା ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ୱାଙ୍ଗ ୟିଙ୍କୁ ଭେଟିଥିଲେ। ପୂର୍ବ ଲଦାଖର ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ସାମ୍ପ୍ରତିକ ପରିସ୍ଥିତି ଏବଂ ସାମଗ୍ରିକ ଭାରତ-ଚୀନ ସମ୍ପର୍କ ସମେତ ଅନ୍ୟାନ୍ୟ ପ୍ରସଙ୍ଗରେ ଦୁଇ ମନ୍ତ୍ରୀଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା।

2. ସେପ୍ଟେମ୍ବର 2020 ରେ ମସ୍କୋଠାରେ ସେମାନଙ୍କର ବୈଠକକୁ ସ୍ମରଣ କରି ବୈଦେଶିକ ବ୍ୟାପାର ମନ୍ତ୍ରୀ ସେତେବେଳେ ହୋଇଥିବା ଚୁକ୍ତିନାମାକୁ ପାଳନ କରିବା ଏବଂ ସମ୍ପୂର୍ଣ୍ଣ ଭାବେ ସୈନ୍ୟ ପ୍ରତ୍ୟାହାର କରିବା ତଥା ପୂର୍ବ ଲଦାଖରେ ବାସ୍ତବିକ ନିୟନ୍ତ୍ରଣ ରେଖା ସହିତ ବାକି ବିବାଦର ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଚୀନର ରାଷ୍ଟ୍ର ପରାମର୍ଶଦାତାଙ୍କୁ ସୂଚାଇ ଦେଇଥିଲେ ଯେ ଚଳିତ ବର୍ଷ ପ୍ରାରମ୍ଭରେ ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ହୋଇଥିବା ସୈନ୍ୟ ପ୍ରତ୍ୟାହାର ଫଳରେ ବାକି ବିବାଦର ସମାଧାନ ପାଇଁ ପଥ ଉନ୍ମୁକ୍ତ ହୋଇଛି। ଆଶା କରାଯାଉଥିଲା ଯେ ଚୀନ ପକ୍ଷ ଆମ ସହିତ ଏହି ଦିଗରେ କାର୍ଯ୍ୟ କରିବେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ବାକି ଅଞ୍ଚଳରେ ବିବାଦର ସମାଧାନ ହୋଇ ନାହିଁ।

3. ବୈଦେଶିକ ବ୍ୟାପାର ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଉଭୟ ପକ୍ଷ ପୂର୍ବରୁ ସହମତ ହୋଇଥିଲେ ଯେ ବିବାଦୀୟ ପରିସ୍ଥିତି ଦୀର୍ଘଦିନ ଜାରି ରହିଲେ ଉଭୟ ପକ୍ଷର କୌଣସି ହିତ ସାଧନ ହେବ ନାହିଁ। ସାମଗ୍ରିକ ସମ୍ପର୍କର ସମୀକ୍ଷା କରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ସୀମାଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖି 1988 ମସିହାରୁ ଦ୍ୱିପାକ୍ଷିକ ସମ୍ପର୍କର ବିକାଶ ହୋଇଛି। ଗତ ବର୍ଷ ସୀମାଞ୍ଚଳରେ ସ୍ଥିତି ପରିବର୍ତ୍ତନ କରିବାର ପ୍ରୟାସ ଦ୍ୱାରା 1993 ଏବଂ 1996 ଚୁକ୍ତିନାମାର ଅବମାନନା ହୋଇଥିଲା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ ମଧ୍ୟ କରିଥିଲା। ଦ୍ୱିପାକ୍ଷିକ ଚୁକ୍ତିନାମା ଏବଂ ପ୍ରୋଟୋକଲଗୁଡିକୁ ସମ୍ପୂର୍ଣ୍ଣରୂପେ ପାଳନ କରି ପାରସ୍ପରିକ ହିତରେ ଉଭୟ ପକ୍ଷ ପୂର୍ବ ଲଦାଖରେ ବାସ୍ତବିକ ନିୟନ୍ତ୍ରଣ ରେଖା ସହିତ ବାକି ବିବାଦର ଶୀଘ୍ର ସମାଧାନ ଦିଗରେ କାର୍ଯ୍ୟ କରିବା ଉଚିତ୍ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

4. ବରିଷ୍ଠ ସେନା କମାଣ୍ଡରସ୍ତରୀୟ ବୈଠକର ଆଉ ଏକ ପର୍ଯ୍ୟାୟ ଅଲୋଚନା ଆୟୋଜନ କରିବାକୁ 25 ଜୁନ 2021 ରେ ବିଚାର ବିମର୍ଷ ଓ ସମନ୍ୱୟ ରକ୍ଷା ପାଇଁ ୱାର୍କିଂ ମେକାନିଜିମର ବୈଠକରେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ଦୁଇ ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏହାକୁ ଶୀଘ୍ର ଆୟୋଜନ କରିବାକୁ ସେମାନେ ସହମତ ହୋଇଥିଲେ। ସେମାନେ ମଧ୍ୟ ସହମତ ହୋଇଥିଲେ ଯେ ଏହି ବୈଠକରେ ଉଭୟ ପକ୍ଷ ଅବଶିଷ୍ଟ ସମସ୍ତ ବିଷୟ ଉପରେ ଆଲୋଚନା କରିବା ସହିତ ପାରସ୍ପରିକ ଗ୍ରହଣୀୟ ସମାଧାନ ଖୋଜିବା ଉଚିତ୍। ଏହା ମଧ୍ୟ ସହମତି

ହୋଇଥିଲା ଯେ ଉଭୟ ପକ୍ଷ ଭୂମିସ୍ଥରରେ ସ୍ଥିରତା ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ ଜାରି ରଖିବା ସହିତ କୌଣସି ଏକପାଖିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ ଯାହା ଫଳରେ ବିବାଦ ବୃଦ୍ଧି ପାଇପାରେ।

5. ଦୁଇ ମନ୍ତ୍ରୀ ଯୋଗାଯୋଗରେ ରହିବାକୁ ରାଜି ହୋଇଥିଲେ।

**ଦୁଶାନବେ**

**ଜୁଲାଇ** 14, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.